# ୧୨ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର

## 'ହୁ ବାଇଆ'ପାଇଁ ପୁରସ୍କାର ପାଇବେ ସଞ୍ଜୟ ପଣ୍ଡା

ଭୁବନେଶ୍ୱର,୬।୧
(ସୌମ୍ୟରଞ୍ଜନ ରାଉତ)

କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରଦାନ ସମାରୋହ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ଉତ୍କଳ ବିଶ୍ୱବିଦ୍ୟାଳୟର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ହେବାକୁ ଥିବା ଏହି ସମାରୋହରେ ସାହିତ୍ୟ ଏକାଡେମୀ ଦ୍ୱାରା ସ୍ୱୀକୃତ ୨୪ଟି ଭାରତୀୟ ଭାଷାର ଯୁବ ଲେଖକଙ୍କୁ ୨୦୨୪ ବର୍ଷର ଯୁବ ପୁରସ୍କାର ପ୍ରଦାନ କରାଯିବ। ସେଥିମଧ୍ୟରୁ ଓଡିଆ ଗଳ୍ପ ପୁସ୍ତକ 'ହୁ ବାଇଆ' ପାଇଁ ବାଲେଶ୍ୱର ଜିଲାର ଯୁବ ଲେଖକ ସଞ୍ଜୟ କୁମାର ପଣ୍ଡା ଏହି ପୁରସ୍କାର ପାଇବେ। କାର୍ଯ୍ୟକ୍ରମରେ ଇଂଲିଶ୍ କବି ଜେରି ପିଣ୍ଟୋ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା, ସଚିବ ଡ. କେ. ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେବେ। ସେହିପରି୧୩ ତାରିଖରେ ବୁଦ୍ଧ ମନ୍ଦିର ସଭାଗୃହରେ ଯୁବ ପୁରସ୍କାର ପାଇଥିବା ଲେଖକଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପୁରସ୍କାର ଗ୍ରହଣ କରିଥିବା ଯୁବ ଲେଖକ ଲେଖିକାମାନେ ନିଜ ସାରସ୍ୱତ ଅନୁଭୂତି ବାଣ୍ଟିବେ ବୋଲି ସୂଚନା ଦିଆଯାଇଛି।


ସଞ୍ଜୟ କୁମାର ପଣ୍ଡା